## ସଂକ୍ଷେପରେ

### ଜିଲାର ସବୁ କଲେଜ ଭିତ୍ତିଭୂମିର ବିକାଶ ହେବ

ଢେଙ୍କାନାଳ, ୧୭।୯ (ରତନ ନାୟାର)

ଢେଙ୍କାନାଳ ଜିଲାର ସମସ୍ତ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ କରି ଶିକ୍ଷାର ମାନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଛି। ଜିଲାର ସମସ୍ତ ୫୬ଟି ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ ୩୨କୋଟି ୫୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଛାତ୍ରୀଛାତ୍ରଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଜିଲାରେ ୨୧ଟି ମହାବିଦ୍ୟାଳୟକୁ ୨୫ଲକ୍ଷ ଲେଖାଏ, ୨୧ଟି ମହାବିଦ୍ୟାଳୟକୁ ୫୦ଲକ୍ଷ ଲେଖାଏ, ୪ଟି ମହାବିଦ୍ୟାଳୟକୁ ୧କୋଟି ଲେଖାଏ, ୯ଟି ମହାବିଦ୍ୟାଳୟକୁ ୧କୋଟି ୨୫ ଲକ୍ଷ ଲେଖାଏ ଏବଂ ଗୋଟିଏ ମହାବିଦ୍ୟାଳୟକୁ ୧କୋଟି ୫୦ଲକ୍ଷ ଟଙ୍କା ଲେଖାଏ ମଞ୍ଜୁର କରାଯାଇଛି। ମଞ୍ଜୁର ଅର୍ଥରେ ମୁଖ୍ୟ ରାସ୍ତାରୁ କଲେଜଯାଏ କଂକ୍ରିଟ ରାସ୍ତା, ଶ୍ରେଣୀଗୃହ ନବୀକରଣ, ସ୍ମାର୍ଟ କ୍ଲାସ ନବୀକରଣ, ପାଚେରି, ଶୌଚାଳୟ, ଇ-ଲାଇବ୍ରେରି, ପାନୀୟଜଳ ବ୍ୟବସ୍ଥା, ଅଡିଟୋରିୟମ, ଆବଶ୍ୟକସ୍ଥଳେ କମନରୁମ, ଅଫିସ ଗୃହ, ବିଜ୍ଞାନାଗାର, ଖେଳ ପଡିଆର ଉନ୍ନତୀକରଣ, ଆବଶ୍ୟକ ଫର୍ନିଚର, ହଷ୍ଟେଲ ଓ ସାଇକେଲ ଷ୍ଟାଣ୍ଡ ନିର୍ମାଣ ଆଦି କାର୍ଯ୍ୟ କରାଯିବ ବୋଲି ସୂଚନା ଦିଆଯାଇଛି।

## 'କୌଳିକ ବୃତ୍ତିଧାରୀଙ୍କ ସମ୍ମାନ, ସାମର୍ଥ୍ୟ ବଢ଼ାଇବ'

### ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା

ଢେଙ୍କାନାଳ, ୧୭।୯ (ରତନ ନାୟାର)


ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ଶୁଭାରମ୍ଭ ଅବସରରେ ଭାଜପା ନେତାମାନେ।

ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟରେ ରବିବାର ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ଶୁଭାରମ୍ଭ ହୋଇଛି। ବିଶ୍ୱକର୍ମା ଜୟନ୍ତୀ ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ଉପସଭାପତି ଡ. ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେଇ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ, ସ୍ୱାଧୀନତା ପରଠାରୁ ଏପର୍ଯ୍ୟନ୍ତ ଆମ ଦେଶରେ କୌଳିକ ବୃତ୍ତିଧାରୀ ବିଶ୍ୱକର୍ମାମାନଙ୍କୁ କେହି ମନେ ପକାଇ ନ ଥିଲେ। କିନ୍ତୁ କୌଳିକ ବୃତ୍ତିଧାରୀ ଶିଳ୍ପୀଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ଭାବରେ ଭଲ ଭାବରେ ଅବଗତ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କ ସମ୍ମାନ, ସାମର୍ଥ୍ୟ ଓ ସମୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ୫ବର୍ଷରେ କେନ୍ଦ୍ର ସରକାର ୧୩ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ। ଏଥିରେ ବଢ଼େଇ, କମାର, ଡଙ୍ଗା ନିର୍ମାଣକାରୀ, ମାଛ ଜାଲ ବୁଣାଳୀ, ରାଜମିସ୍ତ୍ରି, ଦରଜି ଓ ମୂର୍ତ୍ତି ନିର୍ମାଣକାରୀଙ୍କ ସମେତ ୧୮ ପ୍ରକାର ବିଭିନ୍ନ ପାରମ୍ପରିକ ବୃତ୍ତିଧାରୀ ଶିଳ୍ପୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଯୋଜନାରେ ପ୍ରତ୍ୟେକଙ୍କୁ ୧୫ ହଜାର ଟଙ୍କା ଟୁଲକିଟ୍ ପ୍ରୋତ୍ସାହନ ରାଶି ବାବଦରେ ମିଳିବ। ସମସ୍ତଙ୍କୁ ପ୍ରଶିକ୍ଷଣ ସହ ସହ ଦୈନିକ ୫୦୦ ଟଙ୍କା ଲେଖାଏଁ ଭତ୍ତା ଦିଆଯିବ। ଉତ୍ପାଦିତ ସାମଗ୍ରୀର ମାର୍କେଟିଂ ସୁବିଧା କରାଯିବ। ସେମାନଙ୍କୁ ସମାଜରେ ବିଶ୍ୱକର୍ମାର ପରିଚୟ ଦିଆଯିବା ସହ ବିଶ୍ୱକର୍ମା ପ୍ରମାଣପତ୍ର ପ୍ରଦାନ କରାଯିବ। ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରୋଜ ନଳିନୀ ମହାଳିକ, ରାଜ୍ୟ ଓବିସି ମୋର୍ଚ୍ଚା ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଅରୁଣ କୁମାର ନାୟକ, ଜିଲା ମିଡିଆସେଲ୍ ପ୍ରଭାରୀ ନବକିଶୋର ଗୁରୁ, ପୂର୍ବତନ ନଗରପାଳ ସୁନୀଲ ଶର୍ମା ଓ ଜିଲା ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୋଜନା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୁ ପ୍ରସାଦ ଲେଙ୍କା, ମାତୃ ପ୍ରସାଦ ନନ୍ଦ, ରତିକାନ୍ତ ସାହୁ, ମମତା ସ୍ୱାଇଁ, ଯଶୋବନ୍ତ ମହିମା, ସହଦେବ ପୃଷ୍ଟି, ସତ୍ୟରଞ୍ଜନ ଭୂୟାଁ ପ୍ରମୁଖଙ୍କ ସମେତ ବହୁ କର୍ମକର୍ତା ଯୋଗ ଦେଇଥିଲେ।

## ବିଶ୍ୱେଶ୍ୱରାୟଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ

ଢେଙ୍କାନାଳ, ୧୭।୯ (ରତନ ନାୟାର)

ଢେଙ୍କାନାଳ ମହିଷାପାଟସ୍ଥିତ ଡିପ୍ଲମା ଇଞ୍ଜିନିୟର ସେବାସଂଘ ପକ୍ଷରୁ ଶୁକ୍ରବାର ଇଞ୍ଜିନିୟର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରେଙ୍ଗାଳି ଦକ୍ଷିଣ କେନାଲ ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ପ୍ରଧାନ ଯୋଗଦେଇ ଇଞ୍ଜିନିୟର ବିଶ୍ୱେଶ୍ୱରାୟଙ୍କ ସ୍ମୃତିଚାରଣ କରିବା ସହିତ ସମୟାନୁବର୍ତ୍ତିତା, ସଚ୍ଚୋଟ ଓ ଇକୋଫ୍ରେଣ୍ଡ ହୋଇ କାମ କରିବା ପାଇଁ ସମସ୍ତ ଇଞ୍ଜିନିୟରଙ୍କୁ ପ୍ରେରଣା ଦେଇଥିଲେ। ସେହିପରି ପ୍ରତି ଇଞ୍ଜିନିୟର ୪ଟି ଲେଖାଏ ଚାରା ରୋପଣ କରିବା ସହିତ ୫ବର୍ଷ ପର୍ଯ୍ୟନ୍ତ ଯତ୍ନ ନେବା ପାଇଁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଉଦୟ ନାଥ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଡି.କେ. ସାହୁ ପ୍ରମୁଖ ନୂତନ ଭାବେ ଯୋଗ ଦେଇଥିବା ସମସ୍ତେ ଜୁନିୟର ଇଞ୍ଜିନିୟରଙ୍କୁ ବିଶ୍ୱେଶ୍ୱରାୟଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସଂଘ ସମ୍ପାଦକ ବୀରେନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଫକୀର କୁମାର ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପଙ୍କଜ ମଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ଡିପ୍ଲମା ଇଞ୍ଜିନିୟର ସେବାସଂଘ ପକ୍ଷରୁ ଇଞ୍ଜିନିୟର ଦିବସ ପାଳନ କରାଯାଉଛି।

## ଭୋଟରଙ୍କ ସମସ୍ୟା ସମାଧାନ ଦାବି

ଢେଙ୍କାନାଳ, ୧୭।୯ (ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ଓଡ଼ାପଡ଼ା ବ୍ଲକର ଓସ୍ତପାଳ ବୁଥ୍ ନଂ. ୨୬୪ରୁ ୪୬୫ ଜଣ ଭୋଟରଙ୍କୁ ଦୀର୍ଘ ୫ କି.ମି. ଦୂର ଜରିପାଳ ବୁଥ୍ ନଂ. ୨୫୭କୁ ସ୍ଥାନାନ୍ତର କରାଯାଇଛି। ଫଳରେ ଭୋଟରମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିର୍ବାଚନ ପୂର୍ବରୁ ଏହାକୁ ସଂଶୋଧନ କରାଯାଇ ନିଜ ଗାଁ ଓସ୍ତପାଳର ବୁଥ୍‌କୁ ଫେରାଇ ଆଣିବାକୁ ଏହି ଭୋଟରମାନେ ଉପଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏହି ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ନିର୍ବାଚନ ବର୍ଜନ କରିବେ ବୋଲି ଗ୍ରାମବାସୀ କହିଛନ୍ତି। ଓସ୍ତପାଳ ଗ୍ରାମର ସାମାଜିକ କର୍ମୀ ତଥା ଆମ୍ ଆଦ୍‌ମୀ ପାର୍ଟି ଜିଲା ଉପସଭାପତି ରମେଶ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଜିଲା ସମ୍ପାଦକ ବିଧୁ ନାୟକ, ହିନ୍ଦୋଳ ବ୍ଲକ ସଭାପତି ମନୋରଞ୍ଜନ ପାଳ, ସନ୍ତୋଷ ତରାଇ, ଦୋଳଗୋବିନ୍ଦ ସାହୁ, ବିଜୟ କୁମାର ସାହୁ ପ୍ରମୁଖ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।


ଓସ୍ତପାଳ ଗ୍ରାମବାସୀ ଓ ଆମ୍ ଆଦ୍‌ମୀ ପାର୍ଟି ନେତାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଅମୃତ କଳସରେ ମାଟି ସଂଗ୍ରହ


ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅବସରରେ ଶୋଭାଯାତ୍ରା।

ଢେଙ୍କାନାଳ, ୧୭।୯ (ରତନ ନାୟାର)

ଢେଙ୍କାନାଳ ନଗରମଣ୍ଡଳ ଭାଜପା ପକ୍ଷରୁ ଶହୀଦମାନଙ୍କୁ ଉଚିତ ସମ୍ମାନ ଜଣାଇ ଶନିବାର ଅପରାହ୍ଣରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହରସ୍ଥିତ ଚନ୍ଦନ ବଜାର ତାରେଣୀ ମନ୍ଦିରରେ ଅମୃତ କଳସକୁ ପୂଜା ପାଠ କରି ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଂକୀର୍ତ୍ତନ, ବାଜା, ହୁଳହୁଳି, ହରିବୋଲ ସହ ଏକ ବିଶାଳ ଶୋଭାଯାତ୍ରା ବାହାରି ୧୬, ୧୭ ଓ ୨୦ନଂ. ୱାର୍ଡରେ ଅମୃତ କଳସରେ ମାଟି ସଂଗ୍ରହ କରାଯାଇଥିଲା। ଏହି ଅମୃତ କଳସକୁ ଦିଲ୍ଲୀକୁ ପଠାଯାଇ ସେଠାରେ ଶହୀଦମାନଙ୍କ ସମ୍ମାନାର୍ଥେ ନିର୍ମାଣ ହେବାକୁ ଥିବା ଅମୃତ ବାଟିକାରେ ସ୍ଥାପନ କରାଯିବ। ରାଜ୍ୟ ଭାଜପା କୃଷକ ମୋର୍ଚ୍ଚାର ସ୍ଥାୟୀ ନିମନ୍ତ୍ରିତ ଅତିଥି ରାମଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଳୀୟ ନେତବୃନ୍ଦ ନବକିଶୋର ଗୁରୁ, ଭାରତୀ ସ୍ୱାଇଁ, ଧ୍ରୁବଚରଣ ସ୍ୱାଇଁ, ନିରୋଦ କୁମାର ସାହୁ, ଅରବିନ୍ଦ ପାଣ୍ଡେ, ବିକାଶ ସାହୁ, ଗୌତମ ଘୋଷ, ପ୍ରତାପ ସାହୁ, ଟିମନ ମଲ୍ଲିକ, ପ୍ରତାପ ନାୟକ ପ୍ରମୁଖ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ପରମାନନ୍ଦ ସଭାପତି, ପ୍ରଫୁଲ୍ଲ ସମ୍ପାଦକ

ଢେଙ୍କାନାଳ, ୧୭।୯ (ରତନ ନାୟାର)

ଢେଙ୍କାନାଳ ହାବିଲଦାର ଓ କନଷ୍ଟେବଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ରବିବାର ଭୋଟ ଗଣତି ହୋଇ ଏହାର ଫଳାଫଳ ଘୋଷଣା ହୋଇଥିଲା। ଚଳିତବର୍ଷ ସଂଘ ସଭାପତି ଭାବେ ପରମାନନ୍ଦ ମିଶ୍ର ଷଷ୍ଠଥର ପାଇଁ ନିର୍ବାଚିତ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ପ୍ରଫୁଲ୍ଲ କୁମାର ବେହେରା, ଉପସଭାପତି ଭାବେ ଅମ୍ବୁଜ କୁମାର ରାଉତ, କୋଷାଧ୍ୟକ୍ଷ ଭାବେ ଶ୍ରୀକାନ୍ତ ଦଳେଇ ଓ ସହ ସମ୍ପାଦକ ଭାବେ ଦୁର୍ଯ୍ୟୋଧନ ମୁଣ୍ଡା ଓ ଅମୀୟ କୁମାର ସାମଲ, ସଦସ୍ୟ ଭାବେ ଅକ୍ଷୟ ଦେହୁରୀ, ଶିବୁ ପ୍ରସାଦ ବାରିକ, ସତ୍ୟ ନାରାୟଣ ମିଶ୍ର, ଯୁଧିଷ୍ଠିର ବେହେରା ଓ ଭୋଳେଶ୍ୱର ବେହେରା ପ୍ରମୁଖ ନିର୍ବାଚିତ ହୋଇଛନ୍ତି।


ହାବିଲଦାର ଓ କନଷ୍ଟେବଲ ସଂଘର ନିର୍ବାଚିତ ପ୍ରତିନିଧି।

## ସ୍ୱାବଲମ୍ବୀ ହୋଇ ଅନ୍ୟ ପାଇଁ ନିଯୁକ୍ତି ସୃଷ୍ଟିକର


ଚନ୍ଦ୍ରଶେଖର ଆଇଟିଆଇଠାରେ ସମାବର୍ତ୍ତନ ଉତ୍ସବ ପାଳନ କରାଯାଉଛି।

### ଚନ୍ଦ୍ରଶେଖର ଆଇଟିଆଇଠାରେ ସମାବର୍ତ୍ତନ ଉତ୍ସବ

ଢେଙ୍କାନାଳ, ୧୭।୯ (ରତନ ନାୟାର)

ଢେଙ୍କାନାଳ କୁଞ୍ଜକାନ୍ତସ୍ଥିତ ଚନ୍ଦ୍ରଶେଖର ଆଇଟିଆଇଠାରେ ରବିବାର ବିଶ୍ୱକର୍ମା ପୂଜା ସହିତ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଜିଲାପାଳ ସରୋଜ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅତିରିକ୍ତ ସଚିବ ତପନ କୁମାର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବୈଷୟିକ ଶିକ୍ଷାଲାଭ କରି ପିଲାମାନଙ୍କ ଭବିଷ୍ୟତ କିପରି ଉଜ୍ଜ୍ୱଳ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଜିଲା ନିଯୋଜନ ଅଧିକାରୀ କେ. ରୋଜା ଡୋରା ଆଇଟିଆଇ ଶିକ୍ଷାଲାଭ କରି କିପରି ନିଯୁକ୍ତି ପାଇ ସ୍ୱାବଲମ୍ବୀ ହୋଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥିଭାବେ ଜିଲା ଶିଳ୍ପକେନ୍ଦ୍ରର ସହାୟକ ପରିଚାଳକ ରମେଶ ଚନ୍ଦ୍ର ମିଶ୍ର ବ୍ୟାଙ୍କରୁ ଋଣ ନେବା ସହିତ କିପରି ସବ୍‌ସିଡ୍ ପାଇ ଶିଳ୍ପ ପ୍ରତିଷ୍ଠା କରିପାରବେ ସେ ବିଷୟରେ ବୁଝାଇଥିଲେ। ଉକ୍ତ ଉତ୍ସବରେ ଚନ୍ଦ୍ରଶେଖର ଆଇଟିଆଇ ଅଧ୍ୟକ୍ଷା ସସ୍ମିତା ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିବା ସହିତ ଏନ୍‌ସିଭିଟି ସାର୍ଟିଫିକେଟ୍ ପ୍ରଦାନ କରିଥିଲେ।

## ଋଣ, ସବ୍‌ସିଡି ସମ୍ପର୍କରେ ଆଲୋକପାତ

ଢେଙ୍କାନାଳ, ୧୭।୯ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଇନ୍ଦିପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଶୁକ୍ରବାର ବ୍ଲକସ୍ତରୀୟ ଉଦ୍ୟାନକୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଉଦ୍ୟାନ କୃଷି ବିଭାଗ ନିର୍ଦ୍ଦେଶକ ଗୀତାଶ୍ରୀ ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ରାଜକିଶୋର ରାଉତ, ଇନ୍ଦିପୁର ସରପଞ୍ଚ ଲଳିତା ସାହୁ, ଆଶୁତୋଷ ବେହେରା, ସମିତି ସଭ୍ୟ ଯୁଗଳ ମହାରଣା ଏବଂ ଜାତୀୟସ୍ତରରେ ସମ୍ମାନିତ ଛତୁ ଚାଷୀ ଅଜୟ ପୃଷ୍ଟି ଯୋଗଦେଇ ଉଦ୍ୟାନ କୃଷି ପାଇଁ ସରକାରଙ୍କର ଚାଷୀମାନଙ୍କ ପାଇଁ ଥିବା ଋଣ ଓ ସବସିଡି ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବହୁ ଚାଷୀ ଯୋଗ ଦେଇଥିଲେ। ଉଦ୍ୟାନ କୃଷି ବିଭାଗ ସହକାରୀ ଅଧିକାରୀ ଦେବବ୍ରତ ପାତ୍ର, ଗ୍ରାମସାଥୀ ପ୍ରସନ୍ନ ବେହେରା, ଛତୁଚାଷୀ ଦିଲୀପ ମୁଦୁଲି, ଉଦ୍ୟାନ କୃଷି କର୍ମଚାରୀ ବିଚିତ୍ରାନନ୍ଦ ସାହୁ ଓ ପ୍ରମିଳା ଦେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଇନ୍ଦିପୁରରେ ଉଦ୍ୟାନକୃଷି କର୍ମଶାଳାରେ ମଞ୍ଚାସୀନ ଅଧିକାରୀମାନେ।

## ଭିନ୍ନକ୍ଷମ ପୁନର୍ବାସ ସହାୟତା କେନ୍ଦ୍ରରୁ ଚୋରି

ଢେଙ୍କାନାଳ, ୧୭।୯ (ରତନ ନାୟାର)

ଢେଙ୍କାନାଳ ସହର ବାଜିଚୌକଠାରେ ଥିବା ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ କାର୍ଯ୍ୟକ୍ଷମ ହେଉଥିବା ଭିନ୍ନକ୍ଷମ ପୁନର୍ବାସ ସହାୟତା କେନ୍ଦ୍ର ପରିସରରୁ ଶନିବାର ସକାଳ ୯ଟାରେ ଏକ ଡେକ୍ସଟପ୍, ପ୍ରିଣ୍ଟର, ଏକ କ୍ୟାମେରା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଖବରପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତେବେ ଦୁର୍ବୃତ୍ତଙ୍କ ସମ୍ପର୍କରେ ପୋଲିସକୁ କୌଣସି ସୂଚନା ମିଳିପାରି ନାହିଁ। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୬୧୮/୨୩ରେ ଏକ ମାମଲା ରୁଜୁ କରାଯାଇଛି। ଚୋରି ହୋଇଥିବା ସାମଗ୍ରୀର ମୂଲ୍ୟ ପ୍ରାୟ ୨ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି ଜଣାପଡିଛି।

## 'କଣ୍ଠାବଣରେ ଜୀବନ' ଉନ୍ମୋଚିତ

ଢେଙ୍କାନାଳ, ୧୭।୯ (ରତନ ନାୟାର)

ଢେଙ୍କାନାଳର ବିଶିଷ୍ଟ ଶିକ୍ଷାବିତ୍ ତଥା ବିଜ୍ଞାନ ଶିକ୍ଷକ ସ୍ୱର୍ଗତ ଶତ୍ରୁଘ୍ନ ଭୂତିଆଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଢେଙ୍କାନାଳ ଜିଲା ଲେଖକ ସଂସଦର ଶାଣ୍ଡିଲ୍ୟ ବସନ୍ତଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବସନ୍ତ କୁମାର ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ଡ. ଭବାନୀ ଶଙ୍କର ମିଶ୍ର ଯୋଗଦେଇ ଶତ୍ରୁଘ୍ନ ଭୂତିଆଙ୍କ ଦ୍ୱାରା ରଚିତ ବିଜ୍ଞାନ ସମ୍ବନ୍ଧୀୟ ପୁସ୍ତକଗୁଡିକ ଛାତ୍ରୀଛାତ୍ରମାନଙ୍କ ପାଇଁ ଉପାଦେୟ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ୩ନଂ ୱାର୍ଡ କାଉନସିଲର ଅଭିମନ୍ୟୁ ପଣ୍ଡା, ସଂସଦର ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍ମରଣିକା ପୁସ୍ତକ 'କଣ୍ଠାବଣରେ ଜୀବନ' ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାରଙ୍ଗଧର ମିଶ୍ର, ଇନ୍ଦ୍ରମଣି ନାୟକ, ରାମଚନ୍ଦ୍ର ପାତ୍ର, ସୁକାନ୍ତି ସାହୁ, ସୁଧାକର ନାୟକ, ବୈଜୟନ୍ତୀ ପଟ୍ଟନାୟକ, ଦେବୀ ପ୍ରସାଦ ମିଶ୍ର, ସୁବାସ ନାୟକ, ଉପମା ସାମଲ, ସଂଯୁକ୍ତା ଶରଣ, ନନ୍ଦିକେଶ୍ୱରୀ ନାଥ, ବାହାଦୂର ପାଟସାହାଣୀ, ବିପିନ ବିହାରୀ ଶତପଥୀ ଓ ସୁରେନ୍ଦ୍ର ପୃଷ୍ଟି ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଭୂତିଆଙ୍କ ପରିବାର ପକ୍ଷରୁ ସତ୍ୟଜିତ୍ ଭୂତିଆ ଓ ଶିବପ୍ରସାଦ ଯାଦବ, କନ୍ୟା ଜ୍ୟୋତ୍ସ୍ନାମୟୀ, ଇନ୍ଦିରା ଓ ଦ୍ୱିପ୍ତୀମୟୀଙ୍କ ସମେତ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ।


ସ୍ମରଣିକା 'କଣ୍ଠାବଣରେ ଜୀବନ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ମହିମାପୀଠ ଯୋରନ୍ଦାରେ ନବାନ୍ନ ଉତ୍ସବ


ମହିମାପୀଠ ଯୋରନ୍ଦାରେ ନବାନ୍ନ ଉତ୍ସବରେ ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନେ।

ଢେଙ୍କାନାଳ, ୧୭।୯ (ରତନ ନାୟାର)

ଢେଙ୍କାନାଳ ଜିଲାର ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ପୀଠ ମହିମାଗାଦି ଯୋରନ୍ଦାରେ ରବିବାର ନବାନ୍ନ ଉତ୍ସବ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଏଥିନିମନ୍ତେ ଢେଙ୍କାନାଳ ଜିଲାର ବିଭିନ୍ନ ଅଞ୍ଚଳ ସମେତ ମୟୂରଭଞ୍ଜ, କଟକ, ଜଗତସିଂହପୁର, ଅନୁଗୋଳ, କେନ୍ଦୁଝର ଓ ସମ୍ବଲପୁର ଆଦି ଜିଲାରୁ ବହୁ ସଂଖ୍ୟାରେ ମହିମା ସାଧୁ ସନ୍ନ୍ୟାସୀ ଓ ଶ୍ରଦ୍ଧାଳୁଙ୍କ ସମାଗମ ମହିମାପୀଠ ଯୋରନ୍ଦାରେ ହୋଇଥିଲା। ଫଳରେ ସମଗ୍ର ଯୋରନ୍ଦା ଉତ୍ସବମୁଖର ହୋଇଉଠିଥିଲା। ବର୍ଷର ପ୍ରଥମ ଶସ୍ୟରୁ ପ୍ରସ୍ତୁତ ନୂଆଚୁଡା ସହ ନଡିଆ, କଦଳି, ଗୁଡ, ଖିର, ଦହି, କାଜୁ ଏବଂ ଫଳମୁଳ ଆଦି ପକାଯାଇ ଏହି ନବାନ୍ନ ପ୍ରସ୍ତୁତ କରାଯାଇଥିଲା। ଏହାପରେ ମହିମା ସାଧୁ ସନ୍ନ୍ୟାସୀ ଓ ଶ୍ରଦ୍ଧାଳୁମାନେ ଏକାଠି ବସି ଆନନ୍ଦ ଉଲ୍ଲାସର ସହ ନବାନ୍ନ ଭକ୍ଷଣ କରିଥିଲେ। ପରେ ଜଗତ କଲ୍ୟାଣ ଓ ବିଶ୍ୱଶାନ୍ତି ଏବଂ ବିଶ୍ୱକୁ ଶସ୍ୟ ଶ୍ୟାମଳା କରି ସମୃଦ୍ଧ ନିମନ୍ତେ ଘୃତାହୁତି କରି ଶୂନ୍ୟ ବ୍ରହ୍ମଙ୍କୁ ସାଧୁ ସନ୍ନ୍ୟାସୀମାନେ ପ୍ରାର୍ଥନା କରିଥିଲେ। ଚଳିତବର୍ଷ କଟକ ଜିଲା ଆଠଗଡ ଅଞ୍ଚଳର ଭୋଇ ପରିବାର ପକ୍ଷରୁ ମହାନଦୀ କୂଳବର୍ତ୍ତୀ ଅଞ୍ଚଳ ଓ ଢେଙ୍କାନାଳ ଜିଲା ବ୍ରାହ୍ମଣୀ କୂଳବର୍ତ୍ତୀ ଅଞ୍ଚଳରୁ ନବାନ୍ନ ପାଇଁ ବହୁ ପରିମାଣରେ ଚୁଡା ସଂଗ୍ରହ ହୋଇଛି ବୋଲି ବଳ୍କଳଧାରୀ ମହିମା ସମାଜର ପ୍ରମୁଖ ସାଧୁ ବାବା ନିତ୍ୟାନନ୍ଦ ଦାସ ସୂଚନା ଦେଇଛନ୍ତି।

## ଗଣ୍ଡଗୋଳ, ୩ ଗିରଫ

କଣିହାଁ,(ସଚ୍ଚିଦାନନ୍ଦ ପ୍ରଧାନ): କଣିହାଁ ବ୍ଲକ ସମଲ ଥାନା ବଲାଙ୍ଗୀ ଭୋଇସାହିରେ ଶନିବାର ଘଟିଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ପୋଲିସ କହିଛି, ଗଣେଶ ପୂଜା ପାଇଁ ପ୍ରସ୍ତୁତି ନେଇ ବଚସା ହୋଇଥିଲା। ଏଥିରେ ମହେନ୍ଦ୍ର ଭୋଇ ଗୁରୁତର ହୋଇଥିଲେ। ଏ ନେଇ ମହେନ୍ଦ୍ରଙ୍କ ବାପା ରାଜ ଭୋଇଙ୍କ ଅଭିଯୋଗକ୍ରମେ ପୋଲିସ ନମ୍ବର ୨୪୧/୨୦୨୩ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ସେହି ଗ୍ରାମର ଭଜମନ ଭୋଇ, ତାଙ୍କ ବାପା ପ୍ରତାପ ଭୋଇ ଓ ମା' ଝୁନୁ ଭୋଇଙ୍କୁ ଗିରଫ କରାଯାଇଛି।

## ସଂକ୍ଷେପରେ

### ମନ୍ଦିରରେ ସାମୂହିକ ଦୀପଦାନ

ଢେଙ୍କାନାଳ,୧୭।୯(ରତନ ନାୟାର)

ଢେଙ୍କାନାଳ ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ତାଙ୍କର ଦୀର୍ଘାୟୁ କାମନା କରି ମନ୍ଦିରରେ ସାମୂହିକ ଦୀପଦାନ କରାଯାଇଥିଲା। ଜିଲା ମହିଳା ମୋର୍ଚ୍ଚା ସଭାପତି ମମତା ସ୍ୱାଇଁଙ୍କ ନେତୃତ୍ୱରେ ମହିଳା ମୋର୍ଚ୍ଚା ସଦସ୍ୟା ନିରୋଜ ନଳିନୀ ମହାଲିକ, ସାଧାରଣ ସମ୍ପାଦିକା ସସ୍ମିତା ସାମଲ, ଜିଲା ସମ୍ପାଦିକା ସରିତା ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟା ମୋନାଲିସା ସାହୁ, ରଶ୍ମିମୟୀ ରାଉତ ଓ ମଧୁସ୍ମିତା ସାମଲଙ୍କ ସମେତ ମୋର୍ଚ୍ଚାର ବହୁ ସଦସ୍ୟ ଦୀପଦାନ କରିଥିଲେ।

### ଜାତୀୟ ରାଜପଥ ବିଭାଗ ନାମରେ ଅଭିଯୋଗ

ଅନୁଗୋଳ,୧୭।୯(ଅମିତ ସାମଲ)

ଜାତୀୟ ରାଜପଥ ବିଭାଗ ନାମରେ ଅନୁଗୋଳ ଓକିଲ ସଂଘ ପକ୍ଷରୁ ରବିବାର ଜିଲାର ବିଭିନ୍ନ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ଅନୁଗୋଳ ଜିଲା ଦେଇ ଯାଇଥିବା ୫୫ ନଂ. ଜାତୀୟ ରାଜପଥ ଶୋଚନୀୟ ହୋଇପଡ଼ିଛି। ଫଳରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ରାସ୍ତା ମରାମତି କରିବା ପାଇଁ ବହୁବାର ଦାବି ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ଅନୁଗୋଳ ଓକିଲ ସଂଘ ପକ୍ଷରୁ ବଣ୍ଟଁରପାଳ, ନାଲ୍‌କୋନଗର, ଅନୁଗୋଳ, ଅନୁଗୋଳ ସଦର, ବନ୍ତଲା ଓ ଜରପଡ଼ା ଥାନାରେ ଜାତୀୟ ରାଜପଥ ବିଭାଗ ନାମରେ ଅଭିଯୋଗ କରାଯାଇଛି। ସେହିପରି କିଛିଦିନ ତଳେ ଦୁର୍ଘଟଣାରେ ବଣ୍ଟଁରପାଳ ଥାନା ଅଞ୍ଚଳର ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହାର ପ୍ରତିବାଦରେ ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକେ ରାଜପଥ ଅବରୋଧ କରିଥିଲେ। ଏହି ଘଟଣାରେ ୫୫୦ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ତୁରନ୍ତ ସମସ୍ତଙ୍କ ଉପରୁ ମାମଲା ପ୍ରତ୍ୟାହାର କରିବାକୁ ଓକିଲ ସଂଘ ପକ୍ଷରୁ ଦାବି କରାଯାଇଛି।

# ନାଲ୍‌କୋରେ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ଅନୁଗୋଳ,୧୭।୯(ଅମିତ ସାମଲ)


ନାଲ୍‌କୋନଗରଠାରେ ରବିବାର ଉଦ୍‌ଘାଟିତ ପଲ୍ଲିଶ୍ରୀ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ଅନୁଗୋଳ ନାଲ୍‌କୋନଗର ଗୋପବନ୍ଧୁ ପାର୍କ ନିକଟରେ ଥିବା ପଡିଆରେ ରବିବାର ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଯାଇଛି। ଏହି ମେଳା ପ୍ରଥମ ଥର ପାଇଁ ୯ଦିନ ଧରି ଚାଲିବ। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗଦେଇ କହିଲେ ଯେ, ଅନୁଗୋଳ ଜିଲାରେ ୧୫ ହଜାର ସ୍ୱୟଂ ସହାୟିକା ଗୋଷ୍ଠୀ ଅଛନ୍ତି। ସେମାନଙ୍କ ଆର୍ଥିକ ଏବଂ ବ୍ୟକ୍ତିତ୍ୱର ବିକାଶ ଆମ ସମସ୍ତଙ୍କ ଦାୟିତ୍ୱ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ(ସାଧାରଣ), ଅତିରିକ୍ତ ଜିଲାପାଳ ଉଦୟନାଥ ମହାପାତ୍ର, ମୁଖ୍ୟ ଗ୍ରାମ୍ୟ ଉନ୍ନୟନ ଅଧିକାରୀ ପଦ୍ମନାଭ ସାମନ୍ତ ରାୟ, ନାଲ୍‌କୋ ଜିଏମ (ଏଚଆର) ସୁନୀଲ ମହାପାତ୍ର, ଓରମାସ ଡେପୁଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ସୌରଭ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ କାରିଗର, ସ୍ୱୟଂସହାୟକ ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ସିଧାସଳଖ ଗ୍ରାହକ ଓ ଖାଉଟିମାନଙ୍କ ନିକଟରେ ପହଞ୍ଚାଇବା। ଚଳିତ ବର୍ଷ ମେଳାରେ ୨୦୦ ଷ୍ଟଲ ପଡ଼ିଛି। ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ହିମାଞ୍ଚଳପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ, ଜାମ୍ମୁକାଶ୍ମୀର, କର୍ନାଟକ, ଦିଲ୍ଲୀ, ପଞ୍ଜାବ, ରାଜସ୍ଥାନ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ହରିୟାଣା, ଆସାମ, ମଣିପୁର, ଛତିଶଗଡ ଆଦି ରାଜ୍ୟର କାରିଗର ଓ ସ୍ୱୟଂସହାୟକ ଗୋଷ୍ଠୀମାନେ ଏହି ମେଳାରେ ଅଂଶଗ୍ରହଣ କରିଛନ୍ତି। ମେଳାରେ ସ୍ୱାସ୍ଥ୍ୟ, ପାନୀୟଜଳ, ଅଗ୍ନିଶମ, ଆଇନ ଶୃଙ୍ଖଳା ନିମନ୍ତେ ଜିଲା ଚିକିତ୍ସା ଅଧିକାରୀ, ନାଲକୋ, ଅନୁଗୋଳ ମ୍ୟୁନିସିପାଲିଟି, ଜିଲା ପୋଲିସ, ଅଗ୍ନିଶମ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗ ସହଯୋଗ କରୁଛନ୍ତି। ମେଳାର ପ୍ରଥମ ସନ୍ଧ୍ୟାରେ ଆଠମଲ୍ଲିକର ଦଣ୍ଡନୃତ୍ୟ, ନୃତ୍ୟନିଳୟ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଜିଲା ସଂସ୍କୃତି ବିଭାଗ ଅଧିକାରୀ ଦୁଃଶାସନ ନାୟକ, ଜିଲା ଲୋକସମ୍ପର୍କ ଓ ସୂଚନା ଅଧିକାରୀ କୈଳାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରଞ୍ଜନ ବେହେରା ମଞ୍ଚ ସଞ୍ଚାଳନ କରିଥିଲେ।

# ବଇଣ୍ଡାରେ ବିଶ୍ୱକର୍ମା ପୂଜା

ବଇଣ୍ଡା,୧୭।୯(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ, ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସହ ବିଭିନ୍ନ ଗ୍ୟାରେଜରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ରଙ୍ଗବେରଙ୍ଗ ଆଲୋକମାଳାରେ ପୂଜା ମଣ୍ଡପ ଝଲସୁଥିବାବେଳେ ସକାଳେ ରୀତିନୀତି ଅନୁସାରେ ପୂଜା ଆରମ୍ଭ କରାଯାଇଥିଲା। ଗୃହ କରଣ ସାମଗ୍ରୀକୁ ଉକ୍ତ ପୂଜାରେ ରଖି ପୂଜା କରାଯାଇଥିଲା। କନିଷ୍ଠଯନ୍ତ୍ରୀ କାଶୀନାଥ ମଲ୍ଲିକ, ରୁପେଶ ପ୍ରଧାନ, ସୁନୀଲ ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ପ୍ରମୋଦ ପ୍ରଧାନ, ସୁନୀଲ ବିଶ୍ୱାଳ, ସମୀର ପ୍ରଧାନ, ବାବୁନା ଜେନା ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ଅକ୍ଷୟ ସାହୁ, କନିଷ୍ଠଯନ୍ତ୍ରୀ ପଙ୍କଜ ଖିଲାର ସହଯୋଗ କରିଥିଲେ। ସେହିପରି ନାକିଚି, ଧଉରାପାଲି, ବାମୁର, ହଣ୍ଡପା, ଠାକୁରଗଡ଼ ଅଞ୍ଚଳରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି।


ବଇଣ୍ଡାରେ ବିଶ୍ୱକର୍ମା ପୂଜା ପାଳନ କରାଯାଉଛି।

# ଭାଜପା ପକ୍ଷରୁ ମନ୍ଦିରରେ ଦୀପଦାନ


ଅନୁଗୋଳ ବୁଢୀ ଠାକୁରାଣୀ ମନ୍ଦିରଠାରେ ରବିବାର ଭାଜପା ପକ୍ଷରୁ ଦୀପଦାନ କରାଯାଉଛି।

ଅନୁଗୋଳ,୧୭।୯(ଅମିତ କୁମାର ସାମଲ)

ଭାରତୀୟ ଜନତା ପାର୍ଟି ଅନୁଗୋଳ ନିର୍ବାଚନମଣ୍ଡଳୀ ଶାଖା ତରଫରୁ ସ୍ଥାନୀୟ ବୁଢୀ ଠାକୁରାଣୀ ମନ୍ଦିରଠାରେ ରବିବାର ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ଏକ ସମୂହ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିସହ ସ୍ଥାନୀୟ ପୌରପାଳିକାର ସଭାଗୃହ ଠାରେ ରକ୍ତଦାନ ଶିବିର ଆୟୋଜନ କରଯାଇଥିଲା। ଓଡ଼ିଶା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ମୋଟ୍ ୭୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ପ୍ରଧାନ ରକ୍ତ ଦାନ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲା ଭାଜପା ସଭାପତି ଦୀଲେଶ୍ୱର ପ୍ରଧାନ, ରକ୍ତ ଭଣ୍ଡାରର ପୂର୍ବତନ ସଂଯୋଜକ ବାବୁଲି ଦାସ, ଯୋଗଗୁରୁ ଅଭୟ ରାୟ, ଓଡିଶା ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସଂଘମିତ୍ରା ପ୍ରଧାନ, ଜିଲା ମହିଳା ମୋର୍ଚ୍ଚା ସଭାପତି ବସନ୍ତ ମଞ୍ଜରୀ ପ୍ରଧାନ, ଅନୁଗୋଳ ନିର୍ବାଚନମଣ୍ଡଳୀ ପ୍ରଭାରୀ ଯଯାତୀ ପଟ୍ଟନାୟକ, ଦିଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳ ଜିଲା ବ୍ଲଡ ବ୍ୟାଙ୍କର ଡାକ୍ତର, ସେବିକା ଓ ଅନ୍ୟ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।

## 'ଫୁଡ୍ ଫର୍ ଲାଇଫ' କାର୍ଯ୍ୟକ୍ରମ

ଅନୁଗୋଳ,୧୭।୯(ଅମିତ ସାମଲ)

ଇସ୍କନ ଅନୁଗୋଳ ପକ୍ଷରୁ ରବିବାର 'ଫୁଡ୍ ଫର୍ ଲାଇଫ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅନୁଗୋଳ ଇସ୍କନରେ ଗତ ୧୦ ବର୍ଷ ଧରି ଚାଲିଆସୁଛି। ଏହି ଅବସରରେ କେନ୍ଦ୍ରର ଆଖପାଖରେ ବାସ କରୁଥିବା ୧୫୦୦ରୁ ଊର୍ଦ୍ଧ୍ୱ ପିଲା ଓ ବସ୍ତି ବାସିନ୍ଦାମାନଙ୍କୁ ପ୍ରସାଦବଣ୍ଟନ କରାଯାଇଥିଲା। ଏଫସିଆଇ ମୁଣ୍ଡା ବଜାରଠାରେ ଏହି କାର୍ଯ୍ୟକ୍ରମରେ ରାମ ପ୍ରତାପ ସେଠ ଯୋଗଦେଇ ଲୋକମାନଙ୍କୁ ପ୍ରସାଦ ବିତରଣ କରିଥିଲେ। 'ଫୁଡ୍ ଫର୍ ଲାଇଫ' ଅଧ୍ୟକ୍ଷ ବରଦକୃଷ୍ଣ ଦାସ ସେଠ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ସପ୍ତାହରେ ଅନୁଗୋଳ ଆଖପାଖର ବିଭିନ୍ନ ଗ୍ରାମ, ବସ୍ତି ଓ ସ୍କୁଲମାନଙ୍କରେ ନିରବଚ୍ଛିନ୍ନ ଭାବେ ହେବ ବୋଲି ଅଧ୍ୟକ୍ଷ ବରଦକୃଷ୍ଣ ସୂଚନା ଦେଇଛନ୍ତି।

# ମା' ଝିଅ ଗିରଫ, ବାପା ଫେରାର

ଅନୁଗୋଳ,୧୭।୯(ଅମିତ ସାମଲ)

**ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗ**

ଅନୁଗୋଳ ଥାନା ଶିକ୍ଷକପଡ଼ା ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର କେତେଜଣ ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ କରିବା ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲା ମହାକଳପଡ଼ା ଥାନା ଅଞ୍ଚଳର ମମତା ସ୍ୱାଇଁ(୪୩) ଏବଂ ତାଙ୍କ ଝିଅ ପ୍ରିୟଙ୍କା ସ୍ୱାଇଁ(୨୨)ଙ୍କୁ ପୋଲିସ ରବିବାର ଗିରଫ କରିଛି। ଏହି ଘଟଣାରେ ମମତାଙ୍କ ସ୍ୱାମୀ ଫେରାର ଅଛନ୍ତି। ଏ ନେଇ ନଂ. ୪୧୧/୨୩ ମାମଲା ରୁଜୁ ହୋଇଥିବା ଅନୁଗୋଳ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

ପୋଲିସ କହିଛି, ମମତାଙ୍କ ପୈତୃକ ଘର ଅନୁଗୋଳରେ। ସେ କେନ୍ଦ୍ରାପଡ଼ା ଜିଲା ମହାକଳପଡ଼ା ଥାନା ଅଞ୍ଚଳରେ ବିବାହ କରିଥିଲେ। ଏହାପରେ ସେ ଅନୁଗୋଳରେ ରହି ଆସୁଥିଲେ। ପରିବାରରେ ଆର୍ଥିକ ସଙ୍କଟ ଦେଖାଦେବାରୁ ଲୋକଙ୍କୁ ଭୂଆଁ ବୁଲାଇ କିଭଳି ଟଙ୍କା ଆଦାୟ କରାଯିବ ପରିବାରର ସଦସ୍ୟ ସେ ରାସ୍ତା ଆପଣାଇ ଥିଲେ। ମମତା ଲୋକଙ୍କ ନିକଟରୁ ଋଣରେ ଟଙ୍କା ଆଣି ବିଳାସପୂର୍ଣ୍ଣ ଜୀବନ ବିତାଉଥିଲେ। ଏଥିରେ ଝିଅ ପ୍ରିୟଙ୍କା ଓ ସ୍ୱାମୀ ସାହାଯ୍ୟ କରୁଥିଲେ। କିନ୍ତୁ ଗଲା ୨ ବର୍ଷ ହେବ ସେ ମୋଟା ଅଙ୍କର ଟଙ୍କା ଲୋକଙ୍କ ନିକଟରୁ ଉଠାଇଥିଲେ। ମମତା ଶିକ୍ଷକପଡ଼ାର ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ପ୍ରଥମେ ସଦସ୍ୟା ଥିଲେ। ପରେ ଉକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ହୋଇଥିଲେ। ଲୋକଙ୍କ ଜାଲ୍ ଦସ୍ତଖତ ଓ ଟିପ ଚିହ୍ନ ଦେଇ ବିଭିନ୍ନ ବ୍ୟାଙ୍କରୁ ଟଙ୍କା ଉଠାଇଥିଲେ। ଏଥିସହ ଅନ୍ୟ ଲୋକଙ୍କ ନିକଟରୁ ମଧ୍ୟ ଟଙ୍କା ହଡ଼ପ କରୁଥିଲେ। ଏଭଳି କି ମୋଟ ୩୫ ଜଣଙ୍କ ନିକଟରୁ ୫୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ମମତା ଓ ତାଙ୍କ ଝିଅ ପ୍ରିୟଙ୍କାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଖୁବ୍‌ଶୀଘ୍ର ମମତାଙ୍କ ସ୍ୱାମୀଙ୍କୁ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଢେଙ୍କାନାଳରେ ବିଶ୍ୱକର୍ମାଙ୍କ ଆରାଧନା

ଢେଙ୍କାନାଳ,୧୭।୯(ରତନ ନାୟାର)

ଢେଙ୍କାନାଳ ସହରର ବିଭିନ୍ନ ସ୍ଥାନରେ ରବିବାର ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ପାଳିତ ହୋଇଛି। ସହରସ୍ଥିତ ବିଦ୍ୟୁତ୍ ବିଭାଗର ବିଭିନ୍ନ କାର୍ଯ୍ୟାଳୟ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ, ପୂର୍ତ୍ତବିଭାଗ କାର୍ଯ୍ୟାଳୟ, ଠିକାଦାର ସଂଘ, ବିଏସ୍‌ଏନ୍‌ଏଲ୍, ଟ୍ୟାକ୍ସି ଷ୍ଟାଣ୍ଡ ଓ ବିଭିନ୍ନ ଯାନବାହନ ସଂଘ, ମିନାବଜାର ବଣିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍ଥାନରେ ପ୍ରସାଦ ସେବନ ସହ ଭଜନ ସମାରୋହ ଅନୁଷ୍ଠିତ ହୋଇଛି।


ବିଦ୍ୟୁତ୍ ବିଭାଗ ଟିପିସିଓଡିଏଲ୍ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା।

# ଜେଏସ୍‌ପିରେ ଦେବଶିଳ୍ପୀଙ୍କ ପୂଜା


ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ପ୍ଲାଣ୍ଟ ପରିସରରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା କରାଯାଉଛି।

ଅନୁଗୋଳ, ୧୭।୯ (ଅମିତ କୁମାର ସାମଲ)

ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ପ୍ଲାଣ୍ଟ ପରିସରରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଜେଏସ୍‌ପି ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ ଏବଂ ତାଙ୍କ ଧର୍ମପତ୍ନୀ ଅନିତା ମିତ୍ତଲଙ୍କ ସହ ବିଭିନ୍ନ ବିଭାଗୀୟ ମୁଖ୍ୟ ଅତୁଲ ଦୁବେ, ଶ୍ୟାମ ମାହେଶରୀ, ସୁଭାଷ ଚନ୍ଦର, ଶରତ ପଣ୍ଡା, ଡି. ବି. ପାଣି, ଅନ୍ୟାନ୍ୟ ଅଧିକାରୀ ଓ ତାଙ୍କ ପରିବାରବର୍ଗ ଯୋଗଦାନ କରିଥିଲେ। ପ୍ଲେଟ ମିଲ ଅଞ୍ଚଳରେ ଅନୁଷ୍ଠିତ ହୋଇଥିବା ଦେବଶିଳ୍ପୀ ବିଶକର୍ମାଙ୍କ ପୂଜାରେ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀ ସାମିଲ ହୋଇଥିଲେ। ସେହିପରି ଜିନ୍ଦଲନଗର ଦେବଭୂମିସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ବିଶ୍ୱକର୍ମାଙ୍କ ପାଖରେ ଏକ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥିଲା। ଶ୍ରମିକ ବିହାର ଠାରେ ମଧ୍ୟ ବିଶ୍ୱକର୍ମାଙ୍କ ପୂଜା କରାଯାଇଥିଲା। ଦେବଶିଳ୍ପୀ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଅବସରରେ ଜେଏସ୍‌ପି ଅଧ୍ୟକ୍ଷ ନବୀନ ଜିନ୍ଦଲ ଶୁଭେଚ୍ଛା ଜଣାଇଛନ୍ତି।

# ଝଲସୁଛି ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳ

କଣିହାଁ,୧୭।୯(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଜଳବିଦ୍ୟୁତ୍ ପ୍ରକଳ୍ପର ବିଭିନ୍ନ ପୂଜା ମଣ୍ଡପରେ ଦେବଶିଳ୍ପୀ ବିଶକର୍ମାଙ୍କ ପୂଜା ରବିବାରଠାରୁ ଆରମ୍ଭ ହୋଇଛି। ସପ୍ତାହ ବ୍ୟାପୀ ପାଳନ ହେଉଥିବା ଏହି ପୂଜା ପାଇଁ ପ୍ରକଳ୍ପ ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି। ରେଙ୍ଗାଳି ପ୍ରକଳ୍ପ ଡ୍ୟାମ୍ ଡିଭିଜନ, ଓଏଚ୍‌ପିସି, ଶିଳ୍ପ ତାଲିମ ପ୍ରତିଷ୍ଠାନର କର୍ମଚାରୀମାନେ କଳସ ଯାତ୍ରା କରିବା ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପ୍ରକଳ୍ପସ୍ଥ ଓଏଚ୍‌ପିସି ପୂଜା ମଣ୍ଡପ, ଜଳ ସମ୍ପଦ ବିଭାଗ, ଡ୍ରାଇଭର ସଂଘ, ଶିଳ୍ପ ତାଲିମ ପ୍ରତିଷ୍ଠାନ, ପାୱାର ଗ୍ରୀଡ୍, ଓପିଟିସିଏଲ୍ ଗ୍ରୀଡ୍ ଆଦି ଅନୁଷ୍ଠାନ ପକ୍ଷରୁ ବେଶ୍ ଜାକଜମକରେ ବିଶ୍ୱକର୍ମାଙ୍କ ପୂଜା ପାଳନ କରାଯାଉଛି। ମିନାବଜାର ସାଙ୍ଗକୁ ବିଭିନ୍ନ ଦୋଳି ଓ ଯାତ୍ରପାର୍ଟି ଦର୍ଶକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ପୂଜାମଣ୍ଡପ ଗୁଡିକରେ ପ୍ରବଳ ଜନସମାଗମ ହେଉଥିବାରୁ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଆଇଆଇସି ନରେଶ ସାହୁ ସୂଚନା ପ୍ରଦାନ କରିଛନ୍ତି।



# ନାଲ୍‌କୋନଗରରେ ବିଶ୍ୱନିୟନ୍ତାଙ୍କ ପୂଜାର ଝଲକ



ଅନୁଗୋଳ ନାଲ୍‌କୋ ପଟ୍‌ଲାଇନ୍ ପକ୍ଷରୁ ବିଶ୍ୱକର୍ମା ପୂଜା ଅବସରରେ ହୋଇଥିବା ତୋରଣ।


ନାଲ୍‌କୋ ଇଲେକ୍ଟ୍ରିକାଲ ଡିଭିଜନ୍ ମେଢ଼।



ନାଲ୍‌କୋ ସିପିପି ପକ୍ଷରୁ ଚନ୍ଦ୍ରାୟନ-୩ ସଦୃଶ ତୋରଣ। (ଫଟୋ- ବୁବୁ)

